# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
# ବଜେଟ - ୨୦୨୫ -୨୬

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୋଟ୍ **୨୯ ହଜାର ୧୯୯ କୋଟି ୨୧ ଲକ୍ଷ ଟଙ୍କା** ବ୍ୟୟ ଅଟକଳ ହୋଇଛି । ତନ୍ମଧ୍ୟରୁ ୨୩ ହଜାର ୯୮ କୋଟି ୭୪ ଲକ୍ଷ ଟଙ୍କା ଯୋଜନା ସମ୍ବନ୍ଧୀୟ ବ୍ୟୟ ବାବଦରେ ଏବଂ ୭୬୫ କୋଟି ୧୧ ଲକ୍ଷ ଟଙ୍କା ପ୍ରଶାସନିକ ବ୍ୟୟ ବାବଦରେ ବ୍ୟୟବରାଦ କରା ଯାଇଅଛି । ପୁନଶ୍ଚ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅଧୀନରେ ୨ ହଜାର ୨ ଶହ ୬୬ କୋଟି ୬୧ ଲକ୍ଷ ଟଙ୍କା ଏବଂ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅଧୀନରେ ୩ ହଜାର ୬୮ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।
ଚଳିତ ଆର୍ଥିକ ବର୍ଷ ନିମନ୍ତେ ହୋଇଥିବା ବଜେଟ ଅଟକଳ ୨୦୨୪-୨୫ ଆର୍ଥିକ ବର୍ଷ ତୁଳନା ରେ ୭ ପ୍ରତିଶତ ଅଧିକ। ବିଭିନ୍ନ ଯୋଜନା ଓ ଅଣ ଯୋଜନା ର କାର୍ଯ୍ୟକ୍ରମ ସମ୍ବନ୍ଧିୟ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରୁଅଛି।

**<u>ଗ୍ରାମୀଣ ଗୃହ ନିର୍ମାଣ:</u>**

ରାଜ୍ୟର ଗ୍ରାମାଞ୍ଚଳରେ କଚ୍ଚା ଘରେ ବାସ କରୁଥିବା ପରିବାର ବର୍ଗଙ୍କ ମଧ୍ୟରୁ ଯୋଗ୍ୟ ପରିବାରଙ୍କୁ ପକ୍କାଘର ଯୋଗାଇ "ସଭିଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳୀ" ଲକ୍ଷ୍ୟ ହାସଲ କରିବାକୁ ସରକାର ପ୍ରତିବଦ୍ଧ ।

**<u>ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (PMAY-G):</u>**

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ସଫଳତାର ସହ କାର୍ଯ୍ୟକାରୀ ହେଉଛି। ଆର୍ଥିକ ବର୍ଷ ୨୦୧୬-୧୭ ରୁ ଏ ପର୍ଯ୍ୟନ୍ତ ୩୨,୭୧୮ କୋଟି ଟଙ୍କା ବିନିଯୋଗ ହୋଇ ୨୩,୫୮,୨୭୧ ଗୋଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ପକ୍କାଘର ନିର୍ମିତ ହୋଇଛି । ନିର୍ମାଣାଧୀନ ଥିବା ୪,୭୩,୯୪୩ ଗୋଟି ଘରକୁ ଶୀଘ୍ର ସମାପ୍ତ କରିବା ପାଇଁ ପ୍ରୟାସ ଜାରି ରହିଛି। ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୨,୫୮,୪୯୨ ଗୋଟି ଘର ସଂପୂର୍ଣ୍ଣ ହୋଇଛି ଓ ୨୭୩୫ କୋଟି ଟଙ୍କା ବିନିଯୋଗ କରାଯାଇଛି।

ବଳକା ଥିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟରେ ୨୪ ଜାନୁଆରୀ ୨୦୨୫ ରୁ ନୂତନ ସର୍ଭେ ଆରମ୍ଭ ହୋଇଛି । ବ୍ଲକ କର୍ମଚାରୀଙ୍କ ସହିତ ଏହି ସର୍ଭେକୁ ଜନସାଧାରଣ ସ୍ୱୟଂ ମଧ୍ୟ କରି ପାରୁଛନ୍ତି । ସର୍ବେକ୍ଷଣ ଜରିଆରେ ଏ ପର୍ଯ୍ୟନ୍ତ ୨୧.୧୬ ଲକ୍ଷ ପରିବାର ଙ୍କୁ ତାଲିକାଭୁକ୍ତ କରାଯାଇଛି।

- **୨୦୨୫-୨୬ ଆର୍ଥିକ ବର୍ଷ ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (PMAY-G) ଅଧୀନରେ ୪୫୦୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି ।**

**<u>ପ୍ରଧାନ ମନ୍ତ୍ରୀ- ଜନଜାତି ଆଦିବାସୀ ନ୍ୟାୟ ମହା ଅଭିୟାନ (PM-JANMAN):</u>**

ପ୍ରଧାନମନ୍ତ୍ରୀ-ଜନଜାତି ଆଦିବାସୀ ନ୍ୟାୟ ମହା ଅଭିୟାନ (PM-JANMAN) ଅଧୀନରେ ରାଜ୍ୟର ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ(PVTGs) ପରିବାରଙ୍କୁ ୩୪,୮୦୩ ଗୋଟି ଘର ମଞ୍ଜୁର କରାଯାଇଛି ଏବଂ ଏପର୍ଯ୍ୟନ୍ତ ୯,୪୦୮ ଗୋଟି ଘରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ମଞ୍ଜୁର ହିତାଧିକାରୀଙ୍କ ବ୍ୟତୀତ ୧୬,୧୮୭ ନୂତନ PVTG ପରିବାରଙ୍କୁ ଚିହ୍ନଟ କରାଯାଇଛି ଏବଂ ଏହି ନୂତନ ଭାବରେ ଚିହ୍ନଟ ହୋଇଥିବା ପରିବାରଙ୍କୁ ଘର ମଞ୍ଜୁର କରିବା ପ୍ରକ୍ରିୟା ଜାରି ରହିଛି ।

- **PM-JANMAN ଅଧୀନରେ ୨୦୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି ।**

**<u>ଅନ୍ତ୍ୟୋଦୟ ଗୃହ ଯୋଜନା (AGJ):</u>**

ରାଜ୍ୟ ସରକାରଙ୍କ ନିଜସ୍ୱ ଗୃହ ନିର୍ମାଣ ଯୋଜନା "ଅନ୍ତ୍ୟୋଦୟ ଗୃହ ଯୋଜନା" ଗ୍ରାମାଞ୍ଚଳର ଗରିବ ପରିବାରଙ୍କୁ ନୂତନ ପକ୍କାଘର କରି ସୁରକ୍ଷିତ ଆଶ୍ରୟସ୍ଥଳୀ ଯୋଗାଇବା ପାଇଁ ପ୍ରଚଳନ କରାଯାଇଛି ।ଏହି ଯୋଜନାରେ କୌଣସି ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ହିତାଧିକାରୀମାନଙ୍କୁ ଶୀଘ୍ର ଗୃହ ନିର୍ମାଣ କରିବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନର ବ୍ୟବସ୍ଥା ରହିଛି ।

- **ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୨୬୦୦  କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି ।**

ମୋ ଘର ଯୋଜନା ଅଧୀନରେ ପୂର୍ବରୁ ମଞ୍ଜୁର ହୋଇଥିବା ହିତାଧିକାରୀମାନଙ୍କୁ ସବସିଡି ରାଶି ବାବଦରେ **୩  କୋଟି**ଟଙ୍କାର ପ୍ରସ୍ତାବ ରଖାଯାଇଛି ।

**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା**:

ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ଗ୍ରାମାଞ୍ଚଳରେ ରହୁଥିବା ଯେକୌଣସି ପରିବାରରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ଥିବା ସାବାଳକଙ୍କୁ ଦାବି ମୁତାବକ ଏକ ଆର୍ଥିକ ବର୍ଷରେ ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି ଯୋଗାଇ ଦିଆଯାଇ  ଗ୍ରାମାଞ୍ଚଳରେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ତଥା ଗ୍ରାମାଞ୍ଚଳ ଲୋକଙ୍କ ଜୀବନ ଜୀବିକା ସୁରକ୍ଷା ସୁନିଶ୍ଚିତ କରାଯାଇଥାଏ ।ଏହି ଯୋଜନାରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ମଜୁରି ହସ୍ତାନ୍ତର କରାଯାଉଛି । ସାମଗ୍ରୀ ଉପାଦାନ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ **୭୫:୨୫** ଅଂଶୀଦାର ରହିଛି

ଆର୍ଥିକ ବର୍ଷ ୨୦୨୪-୨୫ (ଏପର୍ଯ୍ୟନ୍ତ) ରେ ଅନୁମୋଦିତ ୧୫ କୋଟି ଶ୍ରମ ବଜେଟ୍ ତୁଳନାରେ ୧୦.୮୭ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି ଯାହା ୭୨.୫ ପ୍ରତିଶତ ଅଟେ । ୩୧.୮୭ ଲକ୍ଷ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରି ୨୨.୧୬ ଲକ୍ଷ ପରିବାରକୁ କାର୍ଯ୍ୟ ପ୍ରଦାନ କରାଯାଇଛି ।  ମନରେଗା ଅଧୀନରେ ୧.୭୩ ଲକ୍ଷ ପରିବାର ୧୦୦ ଦିନର କାର୍ଯ୍ୟ କରିଛନ୍ତି।  ମହିଳାମାନଙ୍କର ଅଂଶଗ୍ରହଣ ୩୩.୩ ପ୍ରତିଶତ ତୁଳନାରେ ୪୮.୩ ପ୍ରତିଶତକୁ ବୃଦ୍ଧି ପାଇଛି ।  ଅନୁସୂଚୀତ ଜାତି ଏବଂ ଅନୁସୂଚୀତ ଜନଜାତି ଶ୍ରମିକମାନଙ୍କ ମୋଟ ଶ୍ରମଦିବସ ୫୩.୭ ପ୍ରତିଶତରେ ପହଞ୍ଚିଛି । ଭାରତ ସରକାରଙ୍କ ଦ୍ୱାରା ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୧୨  କୋଟି ଶ୍ରମ ଦିବସ ସୃଷ୍ଟି ନିମନ୍ତେ ମଞ୍ଜୁରି ମିଳିଛି।

- **ଏହି ଉଦ୍ଦେଶ୍ୟରେ ଗ୍ରାମୀଣ ଅଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ନିମନ୍ତେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୭୦୦ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଅଛି ।**

**State Support to MGNREGS:**

ଦାଦନ ରୋକିବା ନିମନ୍ତେ ରାଜ୍ୟର ୯ ଗୋଟି ଜିଲ୍ଲା ଯଥା:- ବରଗଡ, ବଲାଙ୍ଗୀର ,ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର,ନୂଆପଡ଼ା ଓ ରାୟଗଡାର ୩୦ ଗୋଟି ଦାଦନ ପ୍ରବଣ ବ୍ଲକରେ **"State Support to MGNREGS"** କାର୍ଯ୍ୟକ୍ରମ ଅଧୀନରେ ପ୍ରତ୍ୟେକ ପରିବାରକୁ ସ୍ଥିରୀକୃତ ୧୦୦ ଦିନର କାର୍ଯ୍ୟ ବ୍ୟତୀତ ବାର୍ଷିକ ଅତିରିକ୍ତ ୨୦୦ ଦିନର କାର୍ଯ୍ୟ (ମୋଟ ୩୦୦ ଦିନ) ଯୋଗାଇଦେବା ନିମନ୍ତେ ଥିବା ସ୍ୱତନ୍ତ୍ର ପ୍ୟାକେଜ ଜାରି ରଖାଯିବ । ଏହି କାର୍ଯ୍ୟକ୍ରମ ଅଧୀନରେ ମନରେଗା ମଜୁରି ରାଶିରେ ପ୍ରଥମ ୧୦୦ ଦିନ ପାଇଁ ଦୈନିକ ଅତିରିକ୍ତ ୯୮ ଟଙ୍କା ତଥା ଅତିରିକ୍ତ ୨୦୦ ଦିନର କାର୍ଯ୍ୟ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ଅଣକୁଶଳୀ ମଜୁରି ପ୍ରଦାନ ନିମନ୍ତେ ରାଜ୍ୟର ନିଜସ୍ୱ ପାଣ୍ଠିରୁ ବ୍ୟୟ କରାଯିବାର ବ୍ୟବସ୍ଥା କରାଯାଇଅଛି । ୨୦୨୪-୨୫ ଆର୍ଥିକ ବର୍ଷ ରେ ୨.୪୭ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି, ୮୨,୭୦୫ ଟି ପରିବାର ୧୦୦ ଦିନର କାର୍ଯ୍ୟ କରିଛନ୍ତି, ୨୨,୫୪୩ ଟି ପରିବାର ୨୦୦ ଦିନର କାର୍ଯ୍ୟ କରିଛନ୍ତି ଏବଂ ୧୪୫୫ ଟି ପରିବାର ୩୦୦ ଦିନର କାର୍ଯ୍ୟ କରିଛନ୍ତି।

- **୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଯୋଜନାରେ ୭୦୦ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଅଛି ।**

ସରକାରଙ୍କ ସର୍ବୋଚ୍ଚସ୍ତରରେ ଦାଦନ ସମସ୍ୟା ଅନୁଧାନ ଓ ତଦନୁଯାୟୀ ଏହାର ନିରାକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ମାନ୍ୟବର ଉପମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ ଏବଂ ଶକ୍ତିଙ୍କ ଅଧକ୍ଷତାରେ, ସଂପୃକ୍ତ ବିଭାଗର ମାନ୍ୟବର ମନ୍ତ୍ରୀ ତଥା ସଚିବ ମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ମଧ ଗଠନକରାଯାଇଅଛି ।

**ଗ୍ରାମୋଦୟ ପଦକ୍ଷେପ:**

ରାଜ୍ୟର ବାମପନ୍ଥୀ ନକ୍ସଲବାଦ ପ୍ରଭାବିତ ୧୦ ଟି ଜିଲ୍ଲାର ୫୬୮ଗୋଟି ଗ୍ରାମଗୁଡ଼ିକରେ ଜନ କଲ୍ୟାଣ ଯୋଜନା ଏବଂ ମୌଳିକ ସୁବିଧାଗୁଡ଼ିକୁ ପରିପୂର୍ଣ୍ଣତା ଭିତ୍ତିରେ କାର୍ଯ୍ୟକାରୀ କରିବା ଏବଂ ସାର୍ବଜନୀନ ଭିତ୍ତିଭୂମି, ସେବା ଏବଂ ଜୀବିକା ସହାୟତା କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ଶୂନ୍ୟସ୍ଥାନକୁ ପୂରଣ କରିବା ଉଦ୍ଦେଶ୍ୟରେ ଗ୍ରାମୋଦୟ ପଦକ୍ଷେପ ଆରମ୍ଭ କରାଯାଇଅଛି। ଏହି ପଦକ୍ଷେପର ତଦାରଖ କରିବା ନିମନ୍ତେ ରାଜ୍ୟ/ଜିଲ୍ଲା/ବ୍ଲକ ସ୍ତରୀୟ

କମିଟିମାନ ଗଠନ କରାଯାଇଅଛି। ବିଭିନ୍ନ କ୍ଷେତ୍ରରେ ସମସ୍ୟା ଚିହ୍ନଟ କରିବା ପାଇଁ ବାମପନ୍ଥୀ ନକ୍ସଲବାଦପ୍ରଭାବିତ ଗ୍ରାମରେ ବେସ ଲାଇନ୍ (baseline)ସର୍ବେକ୍ଷଣ କରାଯାଉଅଛି।

**<u>ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା:</u>**

ଗ୍ରାମାଞ୍ଚଳ ର ୧୮-୩୫ ବର୍ଗ ବୟସ ର ଗରିବ ଯୁବକ ଯୁବତୀ ମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭରଶୀଳ କରାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଦାରିଦ୍ର୍ୟ ଦୂରୀକରଣ କରିବା **ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ** ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଗ୍ରାମୀଣ ଯୁବବର୍ଗଙ୍କୁ ଗୁଣାତ୍ମକ ପ୍ରଶିକ୍ଷଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଯେଉଁଥିରେ ଯୁବକ-ଯୁବତୀମାନଙ୍କୁ ପ୍ରଦାନ କରାଯାଇଥିବା ଟ୍ରେଡ୍ ତାଲିମ୍ ଆଧାରରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରାଯାଇଥାଏ। ଏହା ଏକ ସରକାରୀ-ଘରୋଇ ସହଭାଗିତା ମଡେଲ୍, ଯେଉଁଥିରେ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା(Project Implementing Agencies-PIAs) ଗୁଡ଼ିକୁ ସମ୍ପୃକ୍ତ ରାଜ୍ୟ ସରକାର ମାନଙ୍କ ସହିତ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଦ୍ୱାରା ଅନୁଦାନ ପ୍ରଦାନ କରାଯାଇଥାଏ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓରମାସ, ଆମ ରାଜ୍ୟରେ DDU-GKYକୁ କାର୍ଯ୍ୟକାରୀ ପାଇଁ ନୋଡାଲ ଏଜେନସୀ ଭାବେ ଦାୟିତ୍ୱ ତୁଲାଉଛି।

ଏହି ଯୋଜନା ଜରିଆରେ ଓଡ଼ିଶାରେ ୧୦୯ଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା (PIAs) ନିୟୋଜିତ ହୋଇଥିବା ବେଳେ ଏବଂ ୨୨୪ଟି ପ୍ରକଳ୍ପକୁ ବିଭିନ୍ନ ସଂସ୍ଥାକୁ ମଞ୍ଜୁର କରାଯାଇଛି । ଏହି କାର୍ଯ୍ୟକ୍ରମ ଆରମ୍ଭରୁ ୨,୨୩,୦୭୪ ଜଣ ଯୁବକ-ଯୁବତୀଙ୍କୁ ବିଭିନ୍ନ ଟ୍ରେଡରେ ତାଲିମ୍ ପ୍ରଦାନ କରାଯାଇଥିବା ବେଳେ, ସେମାନଙ୍କ ମଧ୍ୟରୁ ୧,୫୭,୦୨୨ ଜଣଙ୍କୁ ରାଜ୍ୟ ଭିତରେ ଏବଂ ବାହାରେ ବିଭିନ୍ନ ଘରୋଇ ସଂସ୍ଥାରେ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୫୪% ମହିଳା ଏବଂ ୫୩% ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପ୍ରାର୍ଥୀ ଓ ପ୍ରାର୍ଥିନୀ, ବିଭିନ୍ନ ସଂଗଠିତ କ୍ଷେତ୍ରରେ ଯଥା: Apparel, Retail & Sales, IT Services, Hospitality, Electronics (Smart Phone Assembly), BPO, Health Care-Bedside Assistant, Electrical, Manufacturing-CNC operator, Banking-Financial Services, Security Services, Construction-Plumbing କାର୍ଯ୍ୟରତ। ଦେଶର ପ୍ରମୁଖ ସ୍ଥାନ ଯଥା, ହାଇଦ୍ରାବାଦ, ବାଙ୍ଗାଲୋର, ଦିଲ୍ଲୀ, କୋଲକାତା ଏବଂ ମୁମ୍ବାଇରେ ଏହି ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯାଇଛି

- **୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଉଦ୍ଦେଶ୍ୟରେ ୧୨୦ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି ।**

**<u>Implementation support to ORMAS :</u>** ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ORMAS), ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଅଧୀନରେ ଏକ ସ୍ୱୟଂଶାସିତ ସଂସ୍ଥା । ଗ୍ରାମାଞ୍ଚଳରେ ପ୍ରସ୍ତୁତ ଉତ୍ପାଦ ସହିତ ସହରର ବ୍ୟାବସାୟିକ କେନ୍ଦ୍ର ଗୁଡ଼ିକର ସଂଯୋଗୀକରଣ ଓ ଭିତ୍ତିଭୂମି ସହାୟତାରେ ପ୍ରମୁଖ ସମସ୍ୟା ଗୁଡ଼ିକର ସମାଧାନ କରିବା ପାଇଁ, ଓଡ଼ିଶାର ସମସ୍ତ ଜିଲ୍ଲାରେ ORMAS ର ୩୦ଟି ଜିଲ୍ଲାସ୍ତରୀୟ ଶାଖା କାର୍ଯ୍ୟକ୍ଷମ କରୁଛନ୍ତି । ଏହି ଯୋଜନା ଅଧୀନରେ, ଓରମାସ ୩୫ଟି ଉତ୍ପାଦକ ଉଦ୍ୟୋଗ, ୭୦ଟି ଗ୍ରାମୀଣ ଶିଳ୍ପ ପାର୍କ, ୨୪ଟି କୃଷକ ଉତ୍ପାଦକ ସଂଗଠନ ଏବଂ ୫ଟି କୃଷି ସଂସାଧନ କେନ୍ଦ୍ର ଗଠନ କରିବା ସହିତ ସେଥିପାଇଁ ପ୍ରଶିକ୍ଷଣ ଏବଂ ଦକ୍ଷତା ବୃଦ୍ଧି ଦିଗରେ ସହାୟତା ଯୋଗାଇ ଦେଇଛି।

ନବରଙ୍ଗପୁର, କଳାହାଣ୍ଡି ଏବଂ ଗଜପତିରେ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ମକା ମିଶନ, କୋରାପୁଟ ଜିଲ୍ଲାରେ ଲେମନ ଗ୍ରାସ ମିଶନ, ନୟାଗଡ଼ରେ ଛେନା ପୋଡ଼, ରାୟଗଡ଼ାରେ ସପୁରୀ ପ୍ରକ୍ରିୟା କରଣ ଏବଂ ପୁରୀ ସ୍ୱର୍ଗଦ୍ୱାରରେ ସହାୟ ପ୍ରକଳ୍ପ ଭଳି ସ୍ୱତନ୍ତ୍ର ପ୍ରକଳ୍ପ ମାଧ୍ୟମରେ ଉତ୍ପାଦ ଭିତ୍ତିକ ଆଜୀବିକା ପଦକ୍ଷେପ ଗୁଡ଼ିକୁ ସୁଦୃଢ଼ କରାଯାଇପାରିଛି । ଓରମାସ ଦ୍ୱାରା ଆୟୋଜିତ ପ୍ରଦର୍ଶନୀ, ବିକ୍ରୟ ସମ୍ପର୍କ, କର୍ପୋରେଟ୍ ଲିଙ୍କେଜ୍, ଇ-ମାର୍କେଟିଂ ଏବଂ ଖୁଚୁରା ଦୋକାନ, ଗ୍ରାମୀଣ ଉତ୍ପାଦର ବ୍ୟାବସାୟିକ କାରବାରର ଅଭିବୃଦ୍ଧି ଦିଗରେ ବେଶ୍ ସହାୟକ ହୋଇପାରିଛି।

ଓରମାସ, ରାଜ୍ୟ ଯୋଜନା ଅଧୀନରେ ଓଡ଼ିଶାରେ ଶିକ୍ଷିତ ଗ୍ରାମୀଣ ଯୁବବର୍ଗଙ୍କ ପାଇଁ ନିଶ୍ଚିତ ନିଯୁକ୍ତି ପାଇଁ ନୂତନ ଏବଂ ଉଦୀୟମାନ ଟ୍ରେଡରେ (**New Age & Emerging Trades)** ଏକ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ

ଆରମ୍ଭ କରିବାକୁ ଯାଉଅଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ବ୍ୟକ୍ତି ବିଶେଷଙ୍କୁ ଆଧୁନିକ ଧାରା, ପ୍ରଯୁକ୍ତି ବିଦ୍ୟା ଏବଂ ବଜାର ଗତିଶୀଳତା ଦିଗରେ ଦକ୍ଷତାର ସହ ଖାପ ଖୁଆଇ ପ୍ରସ୍ତୁତ କରିବା । ଦକ୍ଷତା ଅସାମଞ୍ଜସ୍ୟତାର ସମାଧାନ ଏବଂ ବଜାର ଚାହିଦା ସହିତ ତାଲିମକୁ ସମନ୍ୱିତ କରି, ଉଦୀୟମାନ ଟ୍ରେଡ୍ ରେ ନିଯୁକ୍ତି ସୃଷ୍ଟି ଏହାର ଏକ ପ୍ରମୁଖ ଲକ୍ଷ୍ୟ। ବିଭିନ୍ନ ଶିଳ୍ପରେ ନିଯୁକ୍ତି ସୁଯୋଗ ଏବଂ ସମୃଦ୍ଧତା ପାଇଁ ଦକ୍ଷ ପେଶାଦାରମାନଙ୍କର ଅଧିକ ଚାହିଦା ରହିଛି। ଆସନ୍ତା ୫ ବର୍ଷ ମଧ୍ୟରେ ୫୦,୦୦୦ ଗ୍ରାମୀଣ ଯୁବକ-ଯୁବତୀଙ୍କୁ ଉଦୀୟମାନ ଟ୍ରେଡ୍ ଯଥା; Automation, Manufacturing, EV, Semiconductors, Artificial Intelligence & IoT, Cloud Computing, Block chain technology, App development, Drone, Aviation Air hostess, Cabin Crew, Green Hydrogen, Mining ଆଦି କ୍ଷେତ୍ରରେ ତାଲିମ ପ୍ରଦାନ କରି ନିଯୁକ୍ତି ସୁଯୋଗ ଯୋଗାଇ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।

- **ଏହି ଯୋଜନା ରେ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ୩୫ କୋଟି ୫୭ ଲକ୍ଷ ଟଙ୍କା ର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି ।**

**<u>ଗ୍ରାମୀଣ ଜଳଯୋଗାଣ ଓ ପରିମଳ</u>** :

ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳଯୋଗାଣ ରାଜ୍ୟ ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ ଅଟେ । ଗ୍ରାମାଞ୍ଚଳର ସମସ୍ତ ଗୃହକୁ ୨୦୨୬ ସୁଦ୍ଧା ଘରୋଇ ଟ୍ୟାପ ଯୋଗେ ପର୍ଯ୍ୟାପ୍ତ ପରିମାଣର ନିରାପଦ ପାନୀୟଜଳ ଯୋଗାଇ ଦେବା ନିମନ୍ତେ ସରକାରଙ୍କ ଦ୍ୱାରା ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି ।ରାଜ୍ୟର ଗ୍ରାମାଞ୍ଚଳରେ ଅଦ୍ୟାବଧି ୧୭ ଗୋଟି ବୃହତ ପାଇପ ଜଳଯୋଗାଣ ପ୍ରକଳ୍ପ, ୧୭୩୮୦ ଗୋଟି ଏକକ/ଏକାଧିକ ଗ୍ରାମ ବିଶିଷ୍ଟ ପାଇପ ଜଳଯୋଗାଣ ପ୍ରକଳ୍ପ,୫୧୮୬୮୫ ଗୋଟି ନଳକୂପ/ପରିମଳକୂପ,୨୩୧୯୩ ଗୋଟି ସୋଲାର ଦ୍ୱୈତ ପମ୍ପ ଏବଂ ୪୫୯୮ ଗୋଟି ସୋଲାର ପାଇପ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି ।

୨୮.୦୨.୨୦୨୫ ମସିହା ସୁଦ୍ଧା ରାଜ୍ୟର ମୋଟ ୮୮,୬୯,୫୩୬ ଗୋଟି ଗ୍ରାମୀଣ ପରିବାର ମଧ୍ୟରୁ ୬୭,୮୨,୩୯୨ ଗୋଟି (୭୬.୪୭%) ପରିବାରକୁ ଘରୋଇଟ୍ୟାପ ସଂଯୋଗୀକରଣ କରାଯାଇଛି । ୭୪ ପ୍ରତିଶତ ବିଦ୍ୟାଳୟ ଓ ୬୩ ପ୍ରତିଶତ ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ମଧ୍ୟ ଟ୍ୟାପ ସଂଯୋଗ କରାଯାଇ ପାନୀୟ ଜଳଯୋଗାଣ ହେଉଅଛି।ଏହାଛଡା ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଟ୍ୟାପ ସଂଯୋଗ କରାଯାଇ ପାନୀୟ ଜଳଯୋଗାଣ କରାଯାଉଛି । ପାନୀୟଜଳର ମାନ ନିର୍ଦ୍ଧାରଣ ନିମନ୍ତେ ରାଜ୍ୟରେ ୦୧ ଗୋଟି ରାଜ୍ୟସ୍ତରୀୟ, ୩୦ ଗୋଟି ଜିଲ୍ଲାସ୍ତରୀୟ ଓ ୪୬ ଗୋଟି ଉପଖଣ୍ଡସ୍ତରୀୟ (ମୋଟ ୭୭ ଗୋଟି) ଜଳ ପରୀକ୍ଷାଗାରମାନ କାର୍ଯ୍ୟକ୍ଷମ କରାଯାଇଛି ।ଏଥିମଧ୍ୟରୁ ୩୩ ଗୋଟି ପରୀକ୍ଷାଗାରକୁ NABL (National Accreditation Board for Testing and Calibration) ମାନ୍ୟତା ମିଳିଅଛି ।

ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ (୦୧.୦୪.୨୦୨୪ ରୁ ୨୮.୦୨.୨୦୨୫) ମଧ୍ୟରେ ୧୭ ଗୋଟି ବୃହତ ପାଇପ ଜଳ ଯୋଗାଣ ପ୍ରକଳ୍ପ ,୧୧୮୫ ଗୋଟି ଏକକ/ଏକାଧିକ ଗ୍ରାମବିଶିଷ୍ଟ ପାଇପ ଜଳ ଯୋଗାଣ ପ୍ରକଳ୍ପ, ୮୫୮ ଗୋଟି ସୌର

ଚାଳିତ ପାଇପ ଜଳଯୋଗାଣ ପ୍ରକଳ୍ପ,୩,୧୫,୪୭୮ ଗୋଟି ଘରୋଇ ଟ୍ୟାପ ସଂଯୋଗୀକରଣ ଏବଂ ୩୯୮୨ ଗୋଟି 'ହରଘର ଜଳ' ଘୋଷିତ ହୋଇଥିବା ଗ୍ରାମ କୁ ଜଳ ଯୋଗାଣ କାର୍ଯ୍ୟ ସମ୍ପୂର୍ଣ ହୋଇଅଛି

**ଏତଦ ବ୍ୟତୀତ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ୭୪ ଗୋଟି** ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ୧୭୨୫ ଗୋଟି ଏକକ/ଏକାଧିକ ଗ୍ରାମବିଶିଷ୍ଟ ପାଇପ ଜଳ ଯୋଗାଣ ପ୍ରକଳ୍ପ, ୩୯୦୯ ଗୋଟି ସୌରଚାଳିତ ପାଇପ ଜଳ ଯୋଗାଣ ପ୍ରକଳ୍ପ, ୯,୦୦,୦୦୦ ଘରୋଇ ଟ୍ୟାପ ସଂଯୋଗୀକରଣ ଓ ୧୭୭୨୦ ଗୋଟି "ହର ଘର ଜଳ" ଘୋଷଣା ହେବା ଗ୍ରାମ କୁ ଜଳ ଯୋଗାଣ କାର୍ଯ୍ୟ ସମ୍ପୂର୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ।

- **ଏଥି ନିମନ୍ତେ ୨୦୨୫-୨୬ ଆର୍ଥିକ ବର୍ଷରେ ଜଳ ଜୀବନ ମିଶନ ଅଧୀନରେ ୭ ହଜାର କୋଟି ଟଙ୍କା, ବସୁଧା ଯୋଜନାରେ ୧୫୦୦ କୋଟି ଟଙ୍କା ଏବଂ RIDFରେ ୧୦୦ କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି**

**<u>ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ</u>** :

ଗ୍ରାମୀଣ ଭାରତରେ କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ ଦେବା ସହିତ, ସମସ୍ତ ଗ୍ରାମରେ **ଖୋଲା ମଳତ୍ୟାଗ ମୁକ୍ତ (**ODF-Open Defecation Free**)** ସ୍ଥିତିକୁ ଲକ୍ଷ୍ୟ କରି, ଗ୍ରାମାଞ୍ଚଳର ଖୋଲା ମଳତ୍ୟାଗ ମୁକ୍ତ ସ୍ଥିତି ବଜାୟ ରଖିବା ଉଦ୍ଦେଶ୍ୟରେ **ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ** କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ, ଏପ୍ରିଲ ୨୦୨୦ ମସିହାରେ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ୪୩,୬୮୫ ଗ୍ରାମକୁ **ଖୋଲା ମଳତ୍ୟାଗ ମୁକ୍ତ** ପ୍ଲସ୍ ମଡେଲ ଗ୍ରାମ ଭାବରେ ଘୋଷଣା କରାଯାଇଛି, ଯେଉଁଥିରେ ୨୦୨୪-୨୫ ଆର୍ଥିକ ବର୍ଷରେ ଘୋଷିତ ୨୪,୦୪୧ଗ୍ରାମ ଅନ୍ତର୍ଭୁକ୍ତ। ସାର୍ବଜନୀନ ପରିମଳ ସୁବିଧା ହାସଲ କରିବା ଏବଂ ODF ସ୍ଥିତି ବଜାୟ ରଖିବା ପାଇଁ, ୨୦୨୪-୨୫ ଆର୍ଥିକ ବର୍ଷରେ ୧,୦୩,୨୫୯ରୁ ଅଧିକ ବ୍ୟକ୍ତିଗତ ଘରୋଇ ପାଇଖାନା ଏବଂ ୨୫୯ କମ୍ୟୁନିଟି ସାନିଟାରୀ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ଏଥିସହ, ୨୦୨୫-୨୬ ଆର୍ଥିକ ବର୍ଷରେ ୩,୯୧,୯୮୫ ବ୍ୟକ୍ତିଗତ ଘରୋଇ ପାଇଖାନାନିର୍ମାଣ କରିବାକୁ ଯୋଜନା କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ୧୦,୫୯୮ଟି କମ୍ୟୁନିଟି କମ୍ପୋଷ୍ଟ ପିଟ୍ ଏବଂ ୪୨,୧୫୩ଟି କମ୍ୟୁନିଟି ସୋକ୍ ପିଟ୍ ନିର୍ମାଣ କରାଯାଇଛି। ସମସ୍ତ ଗ୍ରାମରେ ପରିମଳ ଏବଂ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ସମସ୍ତ ଗ୍ରାମକୁ **ଖୋଲା ମଳତ୍ୟାଗ ମୁକ୍ତ** ପ୍ଲସ୍ ଘୋଷଣା କରିବା ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି।

- **୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଯୋଜନା ରେ ୩00 କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି ।**

**<u>ବିକଶିତ ଗାଁ ବିକଶିତ ଓଡ଼ିଶା</u>**

ଏହି ଯୋଜନାରେ ଗ୍ରାମୀଣ ଭିତ୍ତିଭୂମି ବିକାଶ ଓ ଗ୍ରାମାଞ୍ଚଳ ସଂଯୋଗୀକରଣ ନିମନ୍ତେ ଗୁରୁତ୍ୱାରୋପ କରାଯିବ । ଏତଦ୍ ବ୍ୟତୀତ ଏହି ଯୋଜନା ର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଉଛି :i) ବିଭିନ୍ନ ସ୍ଥାୟୀ ତଥା ସମ୍ପ୍ରଦାୟ ଭିତ୍ତିକ ବିକାଶମୂଳକ ପ୍ରକଳ୍ପ ଗ୍ରହଣ କରି ଗ୍ରାମୀଣ ଓଡିଶାର ତ୍ୱରିତ ଅଭିବୃଦ୍ଧି ନିମନ୍ତେ ଗୁରୁତ୍ୱପୂର୍ଣ ବ୍ୟବଧାନ କୁ ଦୂର କରିବା
୧ . ଗ୍ରାମାଞ୍ଚଳ ଓଡ଼ିଶାରେ ରାସ୍ତା , ସେତୁ, ନଳାପୋଲ ଇତ୍ୟାଦି ନିର୍ମାଣ,ବିଶେଷ କରି ଦୁର୍ବଳ ଆଦିବାସୀ ଗୋଷ୍ଠୀ ବସବାସ କରୁଥିବା ଅଞ୍ଚଳରେ (PVTG) ସଂଯୋଗ ହୋଇନଥିବା ଗ୍ରାମ / ବାସସ୍ଥାନ , ନକ୍ସଲ ପ୍ରାଧାନ୍ୟ , ଦୁର୍ଗମ ପାହାଡ ଆଭ୍ୟନ୍ତରୀଣ ଏବଂ ଆନ୍ତ ଗ୍ରାମ ସଡ଼କ ମାଧ୍ୟମରେ ସଂଯୁକ୍ତ କରାଯିବ ।
୨. ଗ୍ରାମଗୁଡିକରେ  ସର୍ବ ସାଧାରଣ ସମ୍ପତି ଏବଂ ସୁବିଧା ସୁଯୋଗ ଯୋଗାଉଥିବା ପ୍ରକଳ୍ପର ନିର୍ମାଣ
୩. ଶିକ୍ଷା ପାଇଁ ଭିତ୍ତିଭୂମିର ଉନ୍ନତିକରଣ ।
୪. କ୍ରିଡା ଭିତ୍ତିଭୂମିର ବିକାଶ / ନିର୍ମାଣ ନିମତେ ଛୋଟ ବାହ୍ୟ ଖେଳ ଏବଂ ଶାରୀରିକ ବ୍ୟାୟମ ହୋଇପାରୁଥିବା କାର୍ଯ୍ୟକଳାପ  ସ୍ୱଳ୍ପ ମୂଲ୍ୟର ଅଭିନବ ସୁବିଧାର ବିକାଶ କରାଯିବ ।
୫. ଆବଶ୍ୟକତା ଭିତ୍ତିରେ କ୍ଷୁଦ୍ର ପର୍ଯ୍ୟଟନ (Micro Tourism) ସ୍ଥଳ ଗୁଡିକର ଉନ୍ନତି ମଧ୍ୟ ଏହି ଯୋଜନା ଅଧୀନରେ କରାଯାଇ ପାରିବ ।

- **ଏହି ଯୋଜନାରେ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ୨୦୦୦ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।**

**<u>ସୌରଚାଳିତ  ସଡକ ଆଲୋକୀକରଣ  ପ୍ରକଳ୍ପ :</u>**
ଗ୍ରାମାଂଚଳର ଭିତିଭୂମି ବିକାଶ ନିମନ୍ତେ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଆଲୋକ ବ୍ୟବସ୍ଥା କରିବା ଏବଂ ଅକ୍ଷୟ ଶକ୍ତି ସମ୍ପଦ ଉପଯୋଗ ଲାଗି ଗ୍ରାମ ପଂଚାୟତଗୁଡ଼ିକରେ ସୌର ଆଧାରିତ ଷ୍ଟ୍ରିଟ ଲାଇଟିଂ ବ୍ୟବସ୍ଥା ଆରମ୍ଭ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି ।

- **ଏହି ଯୋଜନା ରେ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ୫୦ କୋଟି ଟଙ୍କାର  ବଜେଟ ବ୍ୟବସ୍ଥା କରାଯାଇଛି ।**

**<u>Rehabilitation of Bonded labourers</u> (ଗୋତି ଶ୍ରମିକମାନଙ୍କର ପୁନଃ ଥଇଥାନ)** ଯୋଜନାରେ ୧୫ ଟି ଜିଲ୍ଲା ରେ ଉଦ୍ଧାର ହୋଇଥିବା ଗୋତି ଶ୍ରମିକମାନଙ୍କୁ ତତକ୍ଷଣାତ ଥଇଥାନ ସହାୟତା ରାଶି ପ୍ରଦାନ କରିବା ନିମନ୍ତେ ଜିଲ୍ଲା ପିଛା ୧୦ ଲକ୍ଷ ଟଙ୍କାର କର୍ପସପାଣ୍ଠି ଗଠନ କରାଯାଉଛି ।

- **୨୦୨୫ -୨୬  ଆର୍ଥିକ ବର୍ଷରେ ଏହି ଉଦ୍ଦେଶ୍ୟରେ ୧ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି ।**

**<u>ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ୍ୟ ଅଭିଯାନ</u>**

ଭାରତ ସରକାର ଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ଅଧୀନ ରେ ୨୦୨୪-୨୫ ଆର୍ଥିକ ବର୍ଷ ରେ ୪୪୬୫ ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମ ରେ ୨,୨୯,୩୯୦ ଜଣ ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି ଓ କର୍ମକର୍ତା ଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

- **ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକର ଦକ୍ଷତା ବିକାଶ ନିମନ୍ତେ ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ୍ୟ ଅଭିୟାନ ଯୋଜନାରେ ୧୬୨  କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଅଛି।**

ତନ୍ମଧ୍ୟରୁ ,୩୦୦ ଟି ଅତି ଭଗ୍ନ ଅବସ୍ଥା ରେ ଥିବା ପଞ୍ଚାୟତ ରେ ନୂତନ ଗୃହ ନିର୍ମାଣ ପାଇଁ ପ୍ରତି ପଞ୍ଚାୟତ ପିଛା ୨୦ ଲକ୍ଷ ଟଙ୍କା ହିସାବ ରେ ୬୦ କୋଟି ଟଙ୍କା ର ବ୍ୟୟବରାଦ ହୋଇଛି।

ଏତଦ ବ୍ୟତୀତ, ୨୩୫୨ ଗୋଟି (**ବନ ସୁରକ୍ଷା ସମିତି**) VSS Building ନିର୍ମାଣ ନିମନ୍ତେ ୨୦୨୫-୨୬ ବର୍ଷରେ ୧୯୯ କୋଟି ୯୨ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଅଛି ।

**<u>ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ</u>**

ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କର ସଶକ୍ତିକରଣ ନିମନ୍ତେ ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ ରାଜ୍ୟର ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଯଥା ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ପାଇଁ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି । ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ଅନୁଦାନ ରାଜ୍ୟର (ଆବଦ୍ଧ ଓ ଅନାବଦ୍ଧ) ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ମଧ୍ୟରେ ୭୦:୨୦:୧୦ ଅନୁପାତରେ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଅଛି ।

ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ ଅନୁଦାନ ର ୪୦ ପ୍ରତିଶତ ଅନାବଦ୍ଧ ପାଣ୍ଠି ଯାହାକି ସ୍ଥାନୀୟ ଆବଶ୍ୟକତା ଅନୁସାରେ ଉପଯୋଗ କରାଯାଉଛି। ବଳକା ୬୦ ପ୍ରତିଶତ ଆବଦ୍ଧ ପାଣ୍ଠି ଯାହାକି ଗ୍ରାମ୍ୟ ପରିମଳ, ପାନୀୟ ଜଳ ଯୋଗାଣ ଓ ବର୍ଷା ଜଳ ସରଂକ୍ଷଣ ଇତ୍ୟାଦି ନିମନ୍ତେ ବ୍ୟବହାର କରାଯାଉଛି।

ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ସ୍ୱାସ୍ଥ୍ୟ ସହାୟତା ରାଶି ଗୃହହିନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକୁ ଆର୍ଥିକ ସହାୟତା ପ୍ରଦାନ, ବ୍ଲକ ସ୍ଥରୀୟ ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ଏବଂ ନିଦାନ କେନ୍ଦ୍ର ଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରିବାରେ ବ୍ୟବହୃତ ହେଉଛି।

- **୨୦୨୫-୨୬ ଆର୍ଥିକ ବର୍ଷରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅଧୀନରେ ୨୨୬୬ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟ ବରାଦ ରଖାଯାଇଅଛି** । ତନ୍ମଧ୍ୟରୁ **୧୦୮୩ କୋଟି ଆବଦ୍ଧ ପାଣ୍ଠି ପାଇଁ ଓ ୭୨୧ କୋଟି ୮୪ ଲକ୍ଷ ଅନାବଦ୍ଧ ପାଣ୍ଠି** ଏବଂ **୪୬୧ କୋଟି ୭୭ ଲକ୍ଷ** ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗଙ୍କ **ସ୍ୱାସ୍ଥ୍ୟ ସହାୟତା** ଅନୁଦାନ ଜିଲ୍ଲା ପରିଷଦ ଓ OSH(ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ) & FWS( ପରିବାର କଲ୍ୟାଣ ସମାଜ) କୁ ପ୍ରଦାନ ପାଇଁ ବ୍ୟୟ ବରାଦ କରାଯାଇଛି ।

**<u>ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ</u>**

- **୨୦୨୫-୨୬ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅଧୀନରେ ୩ ହଜାର ୬୮ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ ବରାଦ ରଖାଯାଇଅଛି ।**

**<u>ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (ହସ୍ତାନ୍ତରଣ ପାଣ୍ଠି ):</u>**

୨୦୨୫-୨୬ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାର ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକୁ ୬୦: ୩୦: ୧୦ ଅନୁପାତରେ ଯଥାକ୍ରମେ **ଗ୍ରାମ ପଞ୍ଚାୟତ (୫୪୯.୦୫ କୋଟି** ), **ପଞ୍ଚାୟତ ସମିତି (୨୭୪.୫୩ କୋଟି)** ଓ **ଜିଲ୍ଲା ପରିଷଦକୁ (୯୧.୫୧ କୋଟି)** ହସ୍ତାନ୍ତରଣ ପାଣ୍ଠି ଅନୁଦାନର ବ୍ୟବସ୍ଥା କରିଛନ୍ତି ।

**<u>ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (ଶୁଳ୍କ ସମର୍ପଣ):</u>** ୨୦୨୫-୨୬ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି ମାନଙ୍କର ପାରିତୋଷିକ, ବୈଠକି ଭତ୍ତା, ଦୈନିକ ଭତ୍ତା ପ୍ରଦାନ ନିମନ୍ତେ **୨୧୧.୨୫ କୋଟି** ଏବଂ **ବେତନ ଓ ପ୍ରଶାସନିକ ଖର୍ଚ୍ଚ** ନିମନ୍ତେ **୯୭୮.୫୧ କୋଟି** ଟଙ୍କା ବ୍ୟୟ ବରାଦ କରାଯାଇଛି ।

**ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ସହାୟକ ଅନୁଦାନ : ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ନିମ୍ନଲିଖିତ ବଜେଟ ରଖାଯାଇଛି ।**

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସହାୟକ ଅନୁଦାନ – ୯୬୩.୯୦ କୋଟି ଟଙ୍କା ନିମ୍ନ ଲିଖିତ କାର୍ଯ୍ୟକ୍ରମ ନିମନ୍ତେ ବ୍ୟୟବରାଦ କରାଯାଇଛି।

1. ସଡକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ (out of M.V tax)- ୧୩୬.୮୭ କୋଟି ଟଙ୍କା
2. ରାସ୍ତା ଆଲୋକିକରଣ– ୫୬.୬୭ କୋଟି ଟଙ୍କା
3. ପୁଞ୍ଜି ସମ୍ପତି ରକ୍ଷଣାବେକ୍ଷଣ – ୫୮.୩୪ କୋଟି ଟଙ୍କା
4. ରାଜସ୍ୱ ଆୟ ନିମିତ୍ତ ପୁଞ୍ଜି ସମ୍ପତି ସୃଷ୍ଟି – ୧୪୧.୬୭ କୋଟି ଟଙ୍କା
5. ଗ୍ରାମପଞ୍ଚାୟତ ମୁଖ୍ୟ ଦପ୍ତରରେ ସୁବିଧା ବ୍ୟବସ୍ଥା – ୧୧୩.୩୦ କୋଟି ଟଙ୍କା
6. ଜଳବିଭାଜିକା ଗୁଡିକର ଉନ୍ନତିକରଣ ଓ ସଂରକ୍ଷଣ – ୨୦.୮୪ କୋଟି ଟଙ୍କା
7. ନିରାପଦ ପାନୀୟ ଜଳ ଯୋଗାଣ —୧୨୫ କୋଟି ଟଙ୍କା
8. ନଳକୂପ ପଦ୍ଧତି (ସୌର ଶକ୍ତି ) – ୪୧.୬୭ କୋଟି ଟଙ୍କା
9. ସବୁଦିନିଆ ସଂଯୋଗୀକରଣ – ୯୭.୭୦ କୋଟି ଟଙ୍କା
10. ଗ୍ରାମୀଣ ହାଟ ଉନ୍ନତିକରଣ – ୫୦ କୋଟି ଟଙ୍କା
11. ପ୍ରାଥମିକ ବିଦ୍ୟାଳୟ ଗୃହ ରକ୍ଷଣାବେକ୍ଷଣ – ୫୨.୩୪ କୋଟି ଟଙ୍କା
12. ପ୍ରୋତ୍ସାହନ ପ୍ରଦାନ- ୩୨ କୋଟି ଟଙ୍କା
13. ଅଭିନବ କାର୍ଯ୍ୟପଦ୍ଧତି -୧୨.୫୦କୋଟି ଟଙ୍କା
14. ପଞ୍ଚାୟତିରାଜ ପ୍ରତିଷ୍ଠାନ ଓ ସହରାଞ୍ଚଳ ନିକାୟ ସଂସ୍ଥା (Urban Bodies) ଗୁଡିକ ପାଇଁ ଜିଲ୍ଲାସ୍ତରୀୟ ଡାଟା କେନ୍ଦ୍ର ସୃଷ୍ଟି-୨୫ କୋଟି ଟଙ୍କା

ଅଧିକନ୍ତୁ , ୨୦୨୫-୨୬ ଆର୍ଥିକ ବର୍ଷରେ ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ୩୮୮.୬୧ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଅଛି ।

- ଆବାସିକ କୋଠାବାଡି ରକ୍ଷଣାବେକ୍ଷଣ –୧୨ କୋଟି ଟଙ୍କା
- ଅଣ-ଆବାସିକ କୋଠାବାଡି ରକ୍ଷଣାବେକ୍ଷଣ – ୧୭ କୋଟି ଟଙ୍କା
- ରାସ୍ତା ଓ ପୋଲର ରକ୍ଷଣାବେକ୍ଷଣ – ୬୮ କୋଟି ଟଙ୍କା
- ବିଦ୍ୟାଳୟ ଗୃହ ରକ୍ଷଣାବେକ୍ଷଣ- ୧୯୦ କୋଟି ଟଙ୍କା
  - ସ୍ୱାସ୍ଥ୍ୟକେନ୍ଦ୍ର ରକ୍ଷଣାବେକ୍ଷଣ- ୨୦ କୋଟି ଟଙ୍କା
  - ଅଙ୍ଗନବାଡି କେନ୍ଦ୍ର ରକ୍ଷଣାବେକ୍ଷଣ- ୭୨ କୋଟି ଟଙ୍କା
  - ପଶୁଧନ ଚିକିତ୍ସାକେନ୍ଦ୍ର ରକ୍ଷଣାବେକ୍ଷଣ- ୯ କୋଟି ୬୧ ଲକ୍ଷ ଟଙ୍କା